କୃଷି ସୂଚନା ସେବା (ଧାନ)

୨୦୨୬ ମସିହା ଅକ୍ଟୋବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ମାଟିଆଗୁଣ୍ଡିପୋକ(ଚକଡାପୋକ) ବୁଦାପ୍ରତି ୫-୧୦ଟି ପୋକ ଦେଖାଦେଲେ ଜମିର ସୂକ୍ଷ୍ମ ପରିବେଶକ ପରିବର୍ତ୍ତନ ରଖିବାକୁ ଯେଉଁଠାରେ ଜଳସେଚନର ସୁବିଧା ଥିବ ସେଠାରେ ଜମିକୁ ଥରେ ଓଦା ଓ ଥରେ ଶୁଖିଲା ଅବସ୍ଥାରେ ରଖନ୍ତୁ । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. ୯୪ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡିନୋଟେଫ୍ୟୁରନ୍ ୨୦% ଏସ୍. ଜି. ୮୦ ଗ୍ରାମ୍ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୫୦ ମି.ଲି. କିମ୍ବା ୬୦ ଗ୍ରାମ୍ ଫ୍ଲୋନିସାମିଡ୍ ୫୦% ଡବ୍ଲ୍ୟୁ.ଜି. ପ୍ରୟୋଗ କରନ୍ତୁ । ଚକଡା ପୋକ ଦମନ ପାଇଁ ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।

- ଯଦି କେଣ୍ଡାକଟା ସଂବାଳୁଆ ପୋକ ଦେଖାଯାଏ, ଏକର ପ୍ରତି ୪୦୦ ମି.ଲି. କୁଇନାଲଫସ୍ ୨୫ ଇ.ସି. କିମ୍ବା ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. ଧାନ ବୁଦା ମୂଳରେ ସକାଳ ସମୟରେ ସିଂଚନ କରନ୍ତୁ ।

- ପତ୍ରାଚ୍ଛଦ ପୋଡାରୋଗ ଦମନ କରିବା ପାଇଁ ଏକର ପ୍ରତି ପ୍ରୋପିକୋନାଜୋଲ୍ ୭୫% ୨୦୦ ମି.ଲି. କିମ୍ବା ହେକ୍ସାକୋନାଜଲ ୫୦% ୪୦୦ ମି.ଲି. କିଇା ଭାଲିଡାମାଇସିନ୍ ୩ଏଲ୍ ୪୦୦ ମି.ଲି. କିମ୍ବା ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି ୮୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ୭-୧୦ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ । ଏକ ଏକର ପ୍ରତି ୨୦୦ ଲିଟର ଦ୍ରବଣ ପ୍ରୟୋଗ କରନ୍ତୁ ।

- ଧାନ ଗଛରେ ପତ୍ରପୋଡା/ପତ୍ରାଗାର ରୋଗ ଦେଖାଦେଲେ ଏକର ପ୍ରତି ଷ୍ଟ୍ରେପ୍ଟୋମାଇସିନ୍ ସଲଫେଟ୍ (୯%) + ଟେଟ୍ରାସାଇକ୍ଲିନ୍ ହାଇଡ୍ରୋକ୍ଲୋରାଇଡ୍ (୧%) ୨୦୦ ଗ୍ରାମ୍ ସହିତ କପର୍ ଅକ୍ସିକ୍ଲୋରାଇଡ୍ ୪୦୦ ଗ୍ରାମ୍ ମିଶାଇ ସିଂଚନ କରନ୍ତୁ । ଏକ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ ।

- ମହିଷାରୋଗ ଦେଖା ଦେଲେ ଏକର ପ୍ରତି ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋଂକ୍ସିଷ୍ଟ୍ରୋବିନ୍ ୨୫% (ନାଟିଭୋ ୭୫ ଡବ୍ଲ୍ୟୁ.ଜି.) ୮୦ ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ୪୦୦ ଗ୍ରାମ ହିସାବରେ ସିଂଚନ କରନ୍ତୁ । ନତୁବା ଏକ ଲିଟର ପାଣିରେ ସତେଜ ବେଲପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ତୁଳସୀପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ନିମ୍ବପତ୍ର ବଟା (୨୦୦ ଗ୍ରାମ୍ ପତ୍ର) ମିଶାଇ ଓ ଭଲଭାବେ ଛାଣି ସିଂଚନ କରନ୍ତୁ । ନତୁବା ଜୈବିକ ଉପଚାର ଭାବେ ଏକର ପ୍ରତି ଟ୍ରାଇକୋଡର୍ମା ଭିରିଡି ୧% ଡବ୍ଲ୍ୟୁ.ପି.(ଅନ୍ୟୁନ ୧୦୬ ସି.ଏଫ୍.ୟୁ) ୨ କି.ଗ୍ରା. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

- ସାହାରା ରୋଗ ଦେଖାଦେଲେ ଏକର ପ୍ରତି ୪୦୦ ଗ୍ରାମ୍ କପର ହାଇଡ୍ରୋକ୍ସାଇଡ୍ ୭୭% (କୋକ୍‌ସାଇଡ ୧୦୧) କିମ୍ବା ୪୦୦ ଗ୍ରାମ୍ ଟେବୁକୋନାଜୋଲ ୨୫% (ଫୋଲିକର) ୭ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ ।
- ଓଡ଼ିଶାର ଦକ୍ଷିଣ-ପଶ୍ଚିମ ମୌସୁମୀର ପ୍ରଭାବ ସରିଯାଇଛି । ଯେହେତୁ ଧାନରେ ଦାନା ଧରିବା ଆରକ ହେଲାଣି ତେଣୁ ଥରେ ଜଳସେଚନ କରନ୍ତୁ । ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ସମ୍ଭବସ୍ଥଳେ ୨୦୦ ଲିଟର ପାଣିରେ ୧ କି.ଗ୍ରା. KNO ୩ କିମ୍ବା ୧ ଲିଟର ପାଣିରେ ୫ ଗ୍ରାମ୍ ଦ୍ରବିଭୂତ ରାସାୟନିକ ସାର ୧୩:୦:୪୫ କିମ୍ବା ୧୯:୧୯:୧୯ ଭାଗରେ ପ୍ରୟୋଗ କରନ୍ତୁ ।
- ଶତକଡା ୮୦ ରୁ ୮୫ ଭାଗ ଧାନ ପାଚିଗଲା ପରେ କାଟ ଶୀଘ୍ର ଅମଳ କରିଦିଅନ୍ତୁ । ଅମଳ ପରେ ଧାନକୁ ଭଲଭାବେ ଖରାରେ ଶୁଖାଇ ସାଇତି ରଖନ୍ତୁ । ବିହନ ପାଇଁ ୧୨ ଶତକଡ଼ା ପର୍ଯ୍ୟନ୍ତ ଆର୍ଦ୍ରତା ଓ ଖାଦ୍ୟ ଉପଯୋଗୀ ପାଇଁ ୧୪ ଶତକଡ଼ା ପର୍ଯ୍ୟନ୍ତ ଆର୍ଦ୍ରତା ରହିବା ଆବଶ୍ୟକ ।
- ବଜାରରେ ସୁଲଭ ମୂଲ୍ୟ ପାଇଁ ପ୍ରତ୍ୟେକ କିସମ ଅଲଗା ଭାବରେ ସଫାକରି ଧାନ ଶସ୍ୟକୁ ସୁପରଗ୍ରେନ ବ୍ସାରେ ରଖନ୍ତୁ । ଅମଳ କରିଥିବା ଧାନକୁ ସଫା ଅଖାରେ ଭଲଭାବେ ପଲିଥିନ ଘୋଡେଇ ରଖନ୍ତୁ ଯେପରିକି ବର୍ଷାଦ୍ୱାରା କିଛିକ୍ଷତି ନହୁଏ ।
- ପାଚିଯାଇଥିବା ଧାନ ପାଣିରେ ଭିଜିଥିଲେ ଧାନ ଗଜା ନହେବା ପାଇଁ ୫% ଲୁଣ ପାଣି ସିଂଚନ କରନ୍ତୁ ।
- ଗନ୍ଧିପୋକ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦% ଇ.ସି. କିମ୍ବା ୪୦୦ ମି.ଲି. ମାଲାଥିଅନ୍ ୫୦% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ସକାଳ ସମୟରେ ଏକର ପ୍ରତି ୧୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଡି କିମ୍ବା ୧୦ କି.ଗ୍ରା. ମାଲାଥିଅନ୍ ୫% ଡି.ପି. ଗୁଣ୍ଡକୁ ପବନ ନବହିବା ସମୟରେ ସମାନ ଭାଗରେ ସିଂଚନ କରନ୍ତୁ କିମ୍ବା ଏକର ପ୍ରତି ୧୨୦ ମି.ଲି. ଇମିଡାକ୍ଲୋପ୍ରିଡ୍ ୦୬% ସହିତ ଲାମ୍ବଡା ସାଇହାଲୋଥ୍ରିନ୍ ୦୪% ଏସ୍.ଏଲ ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଂଚନ କରନ୍ତୁ ।
- କମ୍ ଆର୍ଦ୍ରତା ବା ଶୁଖା ପ୍ରଭାବିତ ଅଂଚଳରେ ଯେଉଁଠି ଧାନ ଫସଲ ହୋଇପାରି ନାହିଁ, ଉଚ୍ଚ ଓ ମଧ୍ୟମ ଜମିରେ ମାଟିର ବତର ଦେଖି ଚାଷୀଭାଇମାନେ କୋଶଳା ଶାଗ, ମାଂଡିଆ, କୋଳଥ, ମୁଗ, ବିରି, ଝୁଡଙ୍ଗ, କନ୍ଦମୂଳ ଏବଂ ରାଶି ଇତ୍ୟାଦି ଅଳ୍ପଦିନିଆ ପୂର୍ବ ରବି ଫସଲ ହିସାବରେ କରିପାରିବେ ।
- ଧାନ ଚାଷରେ ବିଭିନ୍ନ ରୋଗ, ପୋକ, ସୂତ୍ରକୃମି ଆକ୍ରମଣ ଓ ପୋଷକତତ୍ୱ ଅଭାବ ଭଳି ସମସ୍ୟା ଦେଖାଦେଇପାରେ । ଏହାର ସଠିକ୍ କାରଣ ଚିହ୍ନଟ କରି ଠିକ୍ ସମୟରେ ନିୟନ୍ତ୍ରଣ ପଦକ୍ଷେପ ନେପା ଅତ୍ୟନ୍ତ ଜରୁରୀ ।ଧାନ ଫସଲରେ କୌଣସି ସମସ୍ୟା ଦେଖାଦେଲେ ଆକ୍ରାନ୍ତ ଧାନ ଗଛର ନମୂନା Rice Health Clinic, CRRI, Cuttack କୁ ନେଇ ଆସନ୍ତୁ । ସୋମବାରରୁ ଶୁକ୍ରବାର, ପୂର୍ବାହ୍ନ୧୦.୩୦ ରୁ ୧୨.୩୦ ମଧ୍ୟରେ ନମୁନା ଯାଂଚ କରାଯାଇ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକ ପରିଚାଳନା ଓ ନିୟନ୍ତ୍ରଣ ବିଷୟରେ ସୁପାରିଶ ଦିଆଯାଇଥାଏ ।

*****